# ଇଫ୍କୋ ପ୍ରତିଷ୍ଠିତ ଜୈବିକ ସାର କାରଖାନା ଉଦ୍‌ଘାଟିତ




ପାରାଦ୍ୱୀପ (ଛିପ୍ର) : ଦେଶର ପ୍ରମୁଖ ସମବାୟଭିତ୍ତିକ ସାର ଉତ୍ପାଦନକାରୀ ସଂସ୍ଥା ଇଣ୍ଡିଆନ୍ ଫାର୍ମର୍ସ ଫର୍ଟିଲାଇଜର୍ସ କୋ-ଅପରେଟିଭ୍ (ଇଫ୍କୋ) ପକ୍ଷରୁ ପାରାଦ୍ୱୀପରେ ଏକ ଜୈବିକ ସାର କାରଖାନା ପ୍ରତିଷ୍ଠା କରାଯାଇଛି । ରାଜ୍ୟର ଏହି ପ୍ରଥମ ଜୈବିକ ସାର କାରଖାନାକୁ ବୁଧବାର ପୂର୍ବାହ୍ନରେ ଇଫ୍କୋର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଉଦୟ ଶଙ୍କର ଅବସ୍ଥି ଉଦ୍‌ଘାଟନ କରିଛନ୍ତି । ସଂପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ପ୍ରକଳ୍ପ ପାଇଁ ପ୍ରାଥମିକ ଅବସ୍ଥାରେ ୪ କୋଟି ଟଙ୍କା ବିନିଯୋଗ କରାଯାଇଛି । ପ୍ରାଥମିକ ଅବସ୍ଥାରେ ଏହି ପ୍ରକଳ୍ପରୁ ବାର୍ଷିକ ଏକଲକ୍ଷ ଲିଟର ଜୈବିକ ସାର ଉତ୍ପାଦନ ହେବାର ଲକ୍ଷ୍ୟ ରଖାଯାଇଛି ଓ ପରବର୍ତ୍ତୀ ଅବସ୍ଥାରେ ଏହାର ପରିମାଣକୁ ବୃଦ୍ଧି କରାଯିବାର ଯୋଜନା ଅଛି । ଏହି ଜୈବିକ ସାର ଅନ୍ୟ ରାସାୟନିକ ସାରଠାରୁ ଅଧିକ ଉପାଦେୟ ଓ ଜମିର ଉର୍ବରତା ବୃଦ୍ଧି ପାଇଁ ବେଶ୍ ସହାୟକ । ଗୋଟିଏ ହେକ୍ଟର ଜମିପାଇଁ ଗୋଟିଏ ଲିଟର ଜୈବିକ ସାର ଯଥେଷ୍ଟ ବୋଲି ଇଫ୍କୋ ପକ୍ଷରୁ ସୂଚନା ଦିଆଯାଇଛି । ଦେଶରେ ୟୁରିଆ, ଡିଏପି ଓ ଏନପିକେ ସାର ଉତ୍ପାଦନ କ୍ଷେତ୍ରରେ ଇଫ୍କୋର ବେଶ୍ ସୁନାମ ଅଛି । ଏବେ ଜୈବିକ ସାର ଉତ୍ପାଦନ ଆରମ୍ଭ କରି ଇଫ୍କୋ ଆଉ ଗୋଟିଏ ପାଦ ଆଗେଇ ଯାଇଛି । ବୁଧବାର ଦିନ ଏହି ଜୈବିକ ସାର କାରଖାନା ଉଦ୍‌ଘାଟିତ ହେବାପରେ ପ୍ରକଳ୍ପ ପରିସରରେ ଏକ କୃଷକ ସମାବେଶର ଆୟୋଜନ କରାଯାଇଥିଲା । ଏହି ସମାବେଶରେ ଅବସ୍ଥିଙ୍କ ସମେତ ପାରାଦ୍ୱୀପ ମୁଖ୍ୟ ଆଶିଷ କୁମାର ପଣ୍ଡା, ଓଡ଼ିଶା ପ୍ରବନ୍ଧକ ଏସ.ଚଟ୍ଟୋପାଧ୍ୟାୟ, ପ୍ରଶାସନିକ ପ୍ରବନ୍ଧକ ଜ୍ଞାନ ଚାନ୍ଦ ଆଚାର୍ଯ୍ୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

Samay - 12/05/16